ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1442/14-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୪ ମାର୍ଚ୍ଚ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଜନସାଧାରଣଙ୍କ ତ୍ୟାଗ ଓ ସହଯୋଗରେ ଆଜି ଓଡ଼ିଶା କୋଭିଡ୍ ନିୟନ୍ତ୍ରଣରେ ଭଲ ସ୍ଥିତିରେ ରହିଛି । ହେଲେ ବିପଦ ଏବେ ବି ଟଳି ନାହିଁ । ବିଭିନ୍ନ ରାଜ୍ୟରେ ଏବେ ସ୍ଥିତି ବିଗିଡ଼ିବା ସହିତ ଲକ୍‌ଡାଉନ୍ ଲାଗୁ ହୋଇଛି । ହେଲେ ଆମ ରାଜ୍ୟରେ ପୁଣିଥରେ ସେପରି ସ୍ଥିତି ସୃଷ୍ଟି ହେବାକୁ ଦେବା ନାହିଁ । ଆମେ ସତର୍କ ରହିଲେ ଏପରି ସ୍ଥିତି ଉପୁଜିବ ନାହିଁ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ବିରୋଧୀ ଲଢ଼େଇରେ ଆମେ ଆମର ବହୁ ଯୋଦ୍ଧାଙ୍କୁ ହରାଇଛୁ । ସେମାନଙ୍କ ପରିବାର ଆଖିରୁ ଆଜି ମଧ ଲୁହ ଶୁଖି ନାହିଁ । ସେହି ଯୋଦ୍ଧାମାନଙ୍କ ତ୍ୟାଗକୁ ଆମେ କେବେ ବି ବ୍ୟର୍ଥ ହେବାକୁ ଦେବା ନାହିଁ । ସତର୍କ ରହିବା ହିଁ ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପ୍ରତି ହେବ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍ ନିୟମାବଳୀକୁ ପୂର୍ବପରି କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ବାହାରକୁ ଗଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ସହ ଘରକୁ ଫେରିଲେ ଭଲ ଭାବେ ହାତ ଧୋଇବା । ଆପଣମାନଙ୍କ ଉପରେ ମୋର ପୂର୍ଣ୍ଣ ଭରସା ରହିଛି । ଆମେ ସମସ୍ତେ ମିଶି ଶୂନ୍ୟ ସଂକ୍ରମଣ ଲକ୍ଷ୍ୟ ନିଶ୍ଚୟ ହାସଲ କରିବା ପାରିବା ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ରହ୍ମକୁମାରୀର ମୁଖ୍ୟ ପ୍ରଶାସକ ଦାଦୀ ହୃଦୟମୋହିନୀ ଜୀଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆଧ୍ୟାତ୍ମିକ ଶିକ୍ଷାରେ ସେ ନିଜର ସଂପୂର୍ଣ୍ଣ ଜୀବନ ଉତ୍ସର୍ଗ କରିଥିଲେ ଏବଂ ଅନେକଙ୍କୁ ଅର୍ଥପୂର୍ଣ୍ଣ ଜୀବନଯାପନ ପାଇଁ ପ୍ରେରଣା ଦେଇଥିଲେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଶୋକସନ୍ତପ୍ତ ଅନୁଗାମୀମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କର ପରିମଳ ବ୍ୟବସ୍ଥାକୁ ଶତପ୍ରତିଶତ ଯାନ୍ତ୍ରିକୀକରଣ କରିବା ଲକ୍ଷ୍ୟର ଅଂଶସ୍ୱରୂପ ପୁରୀଠାରେ ଓଡ଼ିଶାର ପ୍ରଥମ ବର୍ଜ୍ୟବସ୍ତୁ ସଫେଇ ରୋବଟ୍ କାର୍ଯ୍ୟକ୍ଷମ ହୋଇଛି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୬,୨୧,୭୧୫ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୧୯୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୫୬୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୫୨ ରହିଛି ।
- ୬୫୨ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**